# ନାଗନାଥେଶ୍ୱର ପୀଠରେ ବୋଇତ ବନ୍ଦାଣ



ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଚାଉଲିଆ ପଞ୍ଚାୟତ ମଧ୍ୟରେ ଥିବା ବଡ଼ ନାଗେନାସ୍ଥିତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ପୀଠ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ପ୍ରବାହିତ ଉତ୍ତରବାହୀ ଗଙ୍ଗା ସ୍ୱରୂପ ବ୍ରାହ୍ମଣୀ ନଦୀରେ ସୋମବାର ପ୍ରତ୍ୟୁଷରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହା କାର୍ତ୍ତିକ ବୁଡ଼ ପକାଇବା ସହିତ ବୋଇତ ବନ୍ଦାଣ କରିଥିଲେ। ଶ୍ରୀଶ୍ରୀ ନାଗନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଥମକରି ମହାକାର୍ତ୍ତିକ ବୁଡ଼, ବୋଇତ ବନ୍ଦାଣ ଓ ପଲ୍ଲି ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ସୁଦାମ ଚରଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବାବା ବୈଶିଷ୍ଟ ଦାସ ମହାରାଜ, ଉପଦେଷ୍ଟା ଅବନୀ ମିଶ୍ର ଓ ବିକାଶ ରଥଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ସନ୍ଥ ଓ ବ୍ରାହ୍ମଣଙ୍କ ଦ୍ୱାରା ନଦୀ ପୂଜା ଓ ବନ୍ଦାଣ ପରେ ବୋଇତ ବନ୍ଦାଣ ହୋଇଥିଲା। ପରେ ଅଞ୍ଚଳର ପଲ୍ଲିପ୍ରତିଭା କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ପ୍ରତିଭା ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅଶୋକ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଇପିଏଲ୍‌ରେ ଆଖୁପେଡ଼ା ଶୁଭାରମ୍ଭ

## ୨ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ପେଡ଼ାଯିବ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଇଣ୍ଡିଆନ ପୋଟାସ କାରଖାନା (ଆଇପିଏଲ୍) ପକ୍ଷରୁ ୨୦୨୩-୨୪ ଆଖୁ ବର୍ଷ ପାଇଁ ଆଖୁପେଡା କାର୍ଯ୍ୟର ଶୁଭାରମ୍ଭ ବୁଧବାର କରାଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ପୂଜାର୍ଚ୍ଚନା ଏବଂ ଯଜ୍ଞ କାର୍ଯ୍ୟ ପରେ ଆଖୁପେଡ଼ାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାରଖାନା ଉପସଭାପତି ନିରଜ ଶର୍ମା କହିଥିଲେ, ଜିଲାବାସୀଙ୍କ ସହଯୋଗରେ ଏହି କାରଖାନା ଅଧିକରୁ ଅଧିକ ଉନ୍ନତି କରିପାରିବ। ଚଳିତ ବର୍ଷ ୧୦ ହଜାର ଏକର ଜମିରେ ଆଖୁଚାଷ ହୋଇଥିବାବେଳେ ୨ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ଆଖୁ ପେଡାଯିବାର ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ପାଇଁ ୩ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଆଖୁପେଡା ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।



ଆଇପିଏଲ୍‌ରେ ଆଖୁପେଡ଼ାର ଶୁଭାରମ୍ଭ କରାଯାଉଛି।

କାରଖାନାରେ ଆଖୁ ଦିଆଯିବାର ୧୫ ଦିନ ମଧ୍ୟରେ ଚାଷୀମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ, ମୁଖ୍ୟ ଜିଲା କୃଷି ଅଧିକାରୀ, ବିଭିନ୍ନ ଜିଲାରୁ ଆସିଥିବା ଆଖୁଚାଷୀ, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାରଖାନାର ସାଧାରଣ ପରିଚାଳକ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ୟୁନିଟ୍ ମୁଖ୍ୟ ସନ୍ତୋଷ କୁମାର ଦାସ, ଆଇପିଏଲ ଓଡ଼ିଶା ଶାଖା ମୁଖ୍ୟ ସଞ୍ଜୀବ ସିହ୍ନା, କେନ ବିଭାଗ ମୁଖ୍ୟ ଉପେନ୍ଦ୍ର ତିବେତିୟା, ଅର୍ଥ ବିଭାଗ ମୁଖ୍ୟ ଶୈଳେସ ଶଙ୍କର, ଏଜିଏମ୍(କେନ୍) ସି. କାନନ୍, ଏଜିଏମ୍ ପ୍ରୋସେସ୍ ଭବାନୀ ଶଙ୍କର ରଥ ଓ ଡେପୁଟି ମ୍ୟାନେଜର (ପ୍ରଶାସନ) ଜଗମୋହନ ସାହୁ, ୟୁନିଟ ମୁଖ୍ୟଙ୍କ ପି.ଏ. କ୍ଷୀରୋଦ କୁମାର ବେହୁରା, କମ୍ପାନୀ ଶ୍ରମିକ ସଂଘ ସଭାପତି ବସନ୍ତ କୁମାର ବେହେରା, ଦୀନେଶ କୁମାର ପ୍ରଧାନ ଏବଂ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ୨୫ ହଜାରରେ ଆଙ୍କାଲଡ୍ଡୁ ନିଲାମ

କାମାକ୍ଷାନଗର,୨୯।୧୧(ଅମଜାଦ ଖାନ)

ଢେଙ୍କାନାଳ ଜିଲା ତରାଜଙ୍ଗ ଗ୍ରାମରେ ଚାଲିଥିବା କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବିଶେଷ ଆକର୍ଷଣ ଭାବେ ଆଙ୍କା ଲଡୁ ନିଲାମ କରାଯାଇଥିଲା। ଗ୍ରାମର ମାଧବ ସାହୁ ଓ ସଞ୍ଜୟ ସାହୁ ୨୫,୬୦୦ ଟଙ୍କାରେ ଏହି ଲଡୁ ନିଲାମ କରିଥିଲେ। ଏହି ଉତ୍ସବରେ ଗ୍ରାମ ସଭାପତି, ସମ୍ପାଦକ, ବିଭିନ୍ନ ଗ୍ରାମରୁ ଆସିଥିବା ମୁରବୀ ଶ୍ରେଣୀୟ ଲୋକ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମ ଥର ପାଇଁ ଏହି ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବ ଦେଖିବା ପାଇଁ ଆଖପାଖରେ ଥିବା ଗ୍ରାମରୁ ବହୁ ସଂଖ୍ୟାରେ ଜନସାଧାରଣଙ୍କ ସମାଗମ ହୋଇଥିଲା।



କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପନ ଅବସରରେ ଆଙ୍କାଲଡ୍ଡୁ ନିଲାମ କରାଯାଉଛି।

# ମାନସ ସଭାପତି, ଶୁଭେନ୍ଦୁ ସମ୍ପାଦକ ମନୋନୀତ

## ବଜରଙ୍ଗ କ୍ଲବର ନୂତନ କର୍ମକର୍ତ୍ତା

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଭାବେ ରାଜେଶ୍ ସୋନି, ଅମରେନ୍ଦ୍ର ସାମଲ, ସୌମ୍ୟ ରଞ୍ଜନ ପାଢୀ, ଦୀପକ କୁମାର ଦାଶ, ଚନ୍ଦ୍ରଶେଖର ମାଝି, ଦେବାଶିଷ ମିଶ୍ର ଓ ସରୋଜ ମହାନ୍ତି ମନୋନୀତ ହୋଇଛନ୍ତି। ସଭାପତି ଭାବେ ମାନସ ରାଉତ, କାର୍ଯ୍ୟକାରୀ ସଭାପତି ଭାବେ ସଂକଟ ଭଞ୍ଜନ ବେହେରା ଓ ସୁବ୍ରତ ଦାସ, ଉପସଭାପତି ଭାବେ ପ୍ରିୟରଞ୍ଜନ ଛୋଟରାୟ ଓ ପ୍ରିୟବ୍ରତ ସାସମଲ୍, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦକ ଦେବାଶିଷ ଦାଶ ଓ ଅରବିନ୍ଦ ବେହେରା, ଯୁଗ୍ମ ସମ୍ପାଦକ ଦୀପକ ବେହେରା, ବିକ୍ରମ କେଶରୀ ମହାପାତ୍ର, ସହସମ୍ପାଦକ ଭାବେ ରୋଜେଶ ପରିଡା ଓ ଦେବାଶିଷ ନାୟକ, କୋଷାଧ୍ୟକ୍ଷ ଭାବେ ବିକାଶ ହିଣ୍ଡୋଚା, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶଶି ଭୂଷଣ ପରିଡା, ସଞ୍ଜୀବ ପଣ୍ଡା, କୃଷ୍ଣ ଚନ୍ଦ୍ର ନାୟକ, ରାଜେଶ ବେହେରା, ରତିରଞ୍ଜନ ପଣ୍ଡା, ପି. ଆଞ୍ଜେନେୟ, ଚନ୍ଦନ ରଥ, ସାଗର ମହାନ୍ତି, ସମ୍ବିତ ମହାପାତ୍ର, ଶିବ ପ୍ରସାଦ ମହାପାତ୍ର ମନୋନୀତ ହୋଇଥିଲେ। ମିଡିଆ ସଂଯୋଜକ ଭାବେ ବେଦଧ୍ୟାନ ପଣ୍ଡା ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରବୀଣ କୁମାର ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଆଗାମୀ ଡିସେମ୍ବର ୨ ତାରିଖରେ ଢେଙ୍କାନାଳ ବଜରଙ୍ଗ କ୍ଲବ ପରିସର ଓ ଡିସେମ୍ବର ୩ରେ କଙ୍କଡାହାଡ ବିଦ୍ୟାଳୟଠାରେ ନିଃଶୁଳ୍କ ଦନ୍ତ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।



# ନ୍ୟାୟ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ

କାମାକ୍ଷାନଗର,୨୯।୧୧ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହୁଲି ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟ ରାସ୍ତାକୁ ଜବରଦଖଲ କରାଯାଇଥିବାରୁ ବିଦ୍ୟାଳୟକୁ ଯାତାୟାତରେ ବ୍ୟାହତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। କୁସୁମୁଯୋଡି ମଉଜାରେ ଥିବା ଖାତା ନଂ ୪୨୬ ପ୍ଲଟ ନମ୍ବର ୮୯୮ ଦଣ୍ଡା ରାସ୍ତାକୁ ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ବୁଧବାର ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ମଦନ ମୋହନ ଜେନାଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏ ନେଇ ସହକାରୀ ଜିଲାପାଳ ଜେନା କହିଛନ୍ତି, ତହସିଲଦାରଙ୍କ ଜରିଆରେ ଅଁଳାବେରେଣୀ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୃଷି ଉତ୍ପାଦନ ବୃଦ୍ଧି ହିଁ ପ୍ରକୃତ ବିକାଶ





ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୩ ସହରସ୍ଥିତ ମିନି ଷ୍ଟାଡିୟମଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିବା ସହ କହିଲେ, ଚାଷ ପ୍ରତି ସମସ୍ତଙ୍କ ଆଗ୍ରହ ରହିବା ଆବଶ୍ୟକ। କୃଷି ଉତ୍ପାଦନ ବୃଦ୍ଧି ଯୋଗୁ ହିଁ ପ୍ରକୃତ ବିକାଶ ହୋଇପାରୁଛି। ତେଣୁ କୃଷକମାନେ ପ୍ରକୃତ ପ୍ରଶଂସାର ହକଦାର। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବୈଜ୍ଞାନିକ ପ୍ରଣାଳୀ ଯୋଗୁ କୃଷି କାର୍ଯ୍ୟ ଉନ୍ନତମାନର ହେବା ସହିତ ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଛି। ଏହା ଚାଷୀ ଭାଇମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ କରିପାରୁଥିବା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲା ମୁଖ୍ୟ କୃଷି ଅଧିକାରୀ ଦିପ୍ତୀକାନ୍ତ ରାଉତରାୟ କହିଲେ, ଏହି ମେଳା ବୁଧବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ। କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡମ୍ବୁରୁଧର ସାମଲ, ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର, ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତିଙ୍କ ସମେତ ଜିଲାର ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ।

# ବ୍ରାହ୍ମଣୀ କୂଳରେ କଇଁଛଙ୍କ ଅଣ୍ଡାଦାନ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ନଭେମ୍ବର ପ୍ରଥମ ସପ୍ତାହରୁ ବିଭିନ୍ନ ପ୍ରଜାତିର କଇଁଛଙ୍କ ଅଣ୍ଡାଦାନ ଆରମ୍ଭ ହୋଇଛି। ସଦର ଉପଖଣ୍ଡର ଭୁଇଁପୁର, ବଣସିଂହ ଓ କାମାକ୍ଷାନଗର ଉପଖଣ୍ଡ ବୁଡିବିଲି, ରାଙ୍କିଆ ଆଦି ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ କୂଳରେ କଇଁଛମାନେ ଅଣ୍ଡା ଦେଉଥିବା ଦେଖିବାକୁ ମିଳିଛି। ବିଶେଷକରି ଦେଉଳି, ପଙ୍କୁଆ, କାମୁଡ଼ା, କୁସାଙ୍ଗୀ, ଚାଡେରୀ, ମୟୂରଚୁଲିଆ ପ୍ରଜାତିର କଇଛମାନେ ଅଣ୍ଡା ଦେଇଛନ୍ତି। ବନ ବିଭାଗ ପକ୍ଷରୁ କଇଁଛମାନଙ୍କ ସୁରକ୍ଷା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।



କଇଁଛଙ୍କ ସୁରକ୍ଷା ପାଇଁ ମୁତୟନ ବନ କର୍ମଚାରୀ।



କଇଁଛ ଅଣ୍ଡାଦାନ କରୁଛି।

# ଦୁର୍ଘଟଣାରେ ଯୁବକ ମୃତ

ଆଠମଲ୍ଲିକ,୨୯।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ-କିଆକଟା ରାସ୍ତାର ଆଠମଲ୍ଲିକ ଥାନା ମାଣିକପଥର ଗ୍ରାମ ନିକଟରେ ବୁଧବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ମେଣ୍ଟୁଲିପାଲି ଗ୍ରାମର ଦାମୋଦର ଦାସ (୩୫)ଙ୍କ ମୃତ୍ୟୁ ହୋଇଛି। ଆକାଶ ମେଣ୍ଟୁଳି (୩୫) ଗୁରୁତର ହୋଇଛନ୍ତି। ଦୁହେଁ ମାଧପୁର ଅଞ୍ଚଳକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଆଠମଲ୍ଲିକ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ଦାମୋଦରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆକାଶଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

# ପ୍ରଶାସନକୁ କ୍ରିୟାଶୀଳ କରାଇବା ଗଣମାଧ୍ୟମର ଧର୍ମ





ଓଡ଼ିଶା ପତ୍ରକାର ମହାସଂଘର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଓଡ଼ିଶା ପତ୍ରକାର ମହାସଂଘର ବାର୍ଷିକ ଅଧିବେଶନ ବୁଧବାର ଢେଙ୍କାନାଳ ସହରସ୍ଥିତ ମହିଷାପାଟ ରେଙ୍ଗାଳି ଜଳସେଚନ ଅତିଥି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ ଯେ, ନିଷ୍କ୍ରିୟ ପ୍ରଶାସନକୁ କ୍ରିୟାଶୀଳ କରାଇବା ଗଣମାଧ୍ୟମର ଧର୍ମ ହେଉ। ସ୍ୱତନ୍ତ୍ର ଅତିଥି ଭାବେ ଭାରତ ପତ୍ରକାର ସଂଘ କାର୍ଯ୍ୟକାରୀ ସଭାପତି କିରଣ କୁମାର ଗୋଗୋଇ ଯୋଗ ଦେଇଥିଲେ। ଢେଙ୍କାନାଳ ଜିଲା ସଭାପତି ମାନସ ରଥ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ପ୍ରଦୀପ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସାମାଜିକ କର୍ମୀ ଶରତଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ଅଭିନାଶ ମିଶ୍ର, ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରାମଦାସ ଲିମା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ହରପ୍ରସାଦ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସଙ୍ଗଠନ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ, ଆଭାସ ବରାଳ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ବାଇଧର ନାୟକ, ପ୍ରେମାନନ୍ଦ ମହାନ୍ତି ଓ ନୃସିଂହ ଚରଣ ମହାପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ଖବରଦାତା ଯୋଗ ଦେଇଥିଲେ।

# କେରଯୋଳିରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

କାମାକ୍ଷାନଗର,୨୯।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କେରଯୋଳି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଶାଖା ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ ଚାରୁଲତା ମିଶ୍ର, ବ୍ଲକ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ୟୁକୋ ବ୍ୟାଙ୍କ ମ୍ୟାନେଜର ବିଜନ ଜଗନ୍ନାଥ ଶତପଥୀ, ଆମ୍ରା ଅଧ୍ୟକ୍ଷ ରମେଶ ମିଶ୍ର, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, କରଗୋଳା ପଞ୍ଚାୟତ ସରପଞ୍ଚ ତାପସ ରଞ୍ଜନ ପାଣି, କେରଯୋଳି ସରପଞ୍ଚ ରାଜକିଶୋର ସାହୁ ଯୋଗଦେଇ ଥିବା ବେଳେ କେରଯୋଳି ପଞ୍ଚାୟତର ସମସ୍ତ ସିଆର୍‌ପି, ଏମ୍‌ବିକେ ଓ ସମସ୍ତ ସଂଘ ସହାୟକ ଗୋଷ୍ଠୀ ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ।





ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଯବାନଙ୍କ ଘରୁ ଅଳଙ୍କାର, ଟଙ୍କା ଚୋରି

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ସହର ଜୟଗୋପାଳ ସାହି ଅଞ୍ଚଳରେ ରହୁଥିବା ସିଆରପିଏଫ୍ ଯବାନ ମାଧବ ଚନ୍ଦ୍ର ମୁଦୁଲିଙ୍କ ଘରୁ ମଙ୍ଗଳବାର ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଛୁଟିରେ ଆସିଥିବା ମାଧବ ପରିବାର ସହ କାର୍ତ୍ତିକ ପୂର୍ଣ୍ଣିମା ଦିନ କଟକ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘର ଝରକା ତାଡି ୮ଭରି ସୁନା ଗହଣା ଓ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ନଂ. ୯୦୦।୨୩ରେ ଏକ ମାମଲା ରୁଜୁ କରାଯାଇଛି।

# କାର୍ଯ୍ୟକ୍ଷମ ହେଲାନି ଶୌଚାଳୟ

## ବ୍ୟୟ ଅଟକଳ ନେଇ ତାଳମେଳ ରହୁନି

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା କାର୍ଯ୍ୟରେ ଅନିୟମିତତା ପିଛା ଛାଡୁନି। ଲାଇଟ୍ କିଣା, ରସିଦ ବହି ହେରଫେର କରିବା, ସଫେଇ କାର୍ଯ୍ୟ ଆଦି ଦୁର୍ନୀତିରେ ବୁଡି ରହିଥିବା ବେଳେ ଜନ ଗହଳି ସ୍ଥାନରେ ଲୋକଙ୍କୁ ସୁବିଧା ପାଇଁ ସରକାରଙ୍କ ଅନୁଦାନରେ ନିର୍ମିତ ଶୌଚାଳୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି।

ସୂଚନା ଅନୁଯାୟୀ, ଦଶହରା ଓ ଲକ୍ଷ୍ମୀପୂଜାକୁ ନଜରରେ ରଖି ଭିଡ଼ ସମୟରେ ଲୋକଙ୍କ ସୁବିଧା ପାଇଁ ଶୌଚାଳୟ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୮୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା ବୋଲି ପୌରସଂସ୍ଥାର ନିର୍ବାଚିତ ପ୍ରତିନିଧିମାନେ କହୁଥିବା ବେଳେ ନିର୍ବାହୀ ଅଧିକାରୀ ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା କହୁଛନ୍ତି। ତେଣୁ ପ୍ରକଳ୍ପର ବ୍ୟୟ ଅଟକଳ ନେଇ ତାଳମେଳ ରହୁନାହିଁ। ଢେଙ୍କାନାଳ ସହର କଲେଜ ବାଇପାସ ଠାରୁ ପ୍ରମୁଖ ବଜାର ଦେଇ କୋରିଆଁ ବାଇପାସ ପର୍ଯ୍ୟନ୍ତ ୧୦ଟି ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ପୂଜା ସମୟରେ ଏହା ଲୋକଙ୍କ ସେବାରେ ଲାଗି ପାରିଲା ନାହିଁ। ବର୍ତ୍ତମାନ ସୁଦ୍ଧା ବି ଅଧିକାଂଶ ଶୌଚାଳୟରେ ତାଲା ଝୁଲୁଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି, ଦଶହରା ଓ ଲକ୍ଷ୍ମୀପୂଜା ସମୟରେ ଜନଗହଳି ସ୍ଥାନମାନଙ୍କରେ ଲୋକଙ୍କ ସୁବିଧା ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦ଟି ଟଏଲେଟ୍ ନିର୍ମାଣ କରାଯାଇଥିଲା। କିନ୍ତୁ ପାଣି ସଂଯୋଗ ହୋଇପାରି ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାର ନ ଥିଲା। ବର୍ତ୍ତମାନ ପ୍ରାୟ ୭ଟି ଶୌଚାଳୟରେ ପାଣି ସଂଯୋଗ ହୋଇସାରିଛି। ସପ୍ତାହକ ମଧ୍ୟରେ ସେଗୁଡ଼ିକ କାର୍ଯ୍ୟକ୍ଷମ ହେବ। ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର କହିଛନ୍ତି, ରାଜ୍ୟ ସରକାର ୮୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। କିନ୍ତୁ ଦୁଃଖର କଥା, ଲକ୍ଷ୍ମୀପୂଜା ସମୟରେ ନିର୍ମାଣ ହୋଇଥିବା ଶୌଚାଳୟ ବ୍ୟବହାର ହୋଇପାରିଲା ନାହିଁ। ଏ ସମ୍ପର୍କରେ ଶେଷ କାଉନସିଲ ବୈଠକରେ ଆଲୋଚନା କରାଯାଇଥିଲା। ପୁଣିଥରେ କାଉନସିଲକୁ ଏ ସମ୍ପର୍କରେ ଜଣାଇବୁ। କେତେ ଖର୍ଚ୍ଚ ହୋଇଛି ତାହାର ହିସାବ ମଧ୍ୟ ମାଗିବୁ ବୋଲି ଉପାଧ୍ୟକ୍ଷ କହିଛନ୍ତି।



# ହସ୍ତଶିଳ୍ପ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ରାମ ମନ୍ଦିରଠାରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଓ କାର୍ଯ୍ୟାଳୟ ବିକାଶ ଆୟୁକ୍ତ ହସ୍ତଶିଳ୍ପ ସେବା କେନ୍ଦ୍ର ସମ୍ବଲପୁରଙ୍କ ପକ୍ଷରୁ ହସ୍ତଶିଳ୍ପ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ, ଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ନେଇ ଚୌପାଲ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସମ୍ବଲପୁରସ୍ଥିତ ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳେଜା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଦିତ୍ୟ ବାହିନୀର ମୁଖ୍ୟ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେୟା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶିକା ସାଗରିକା ମିଶ୍ର, ଜିଲା ହସ୍ତଶିଳ୍ପ ଅଧିକାରୀ ମନୋରଞ୍ଜନ ଦାସ, କାନାରା ବ୍ୟାଙ୍କ ଅଧିକାରୀ ଅଭିଷେକ ବାସ, କଂସାରୀ ସମାଜ ଉପଦେଷ୍ଟା ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚୟପତ୍ର ବଣ୍ଟନ କରିଥିଲେ। ଶ୍ରେୟା ଅନୁଷ୍ଠାନ ସମ୍ପାଦକ ଜ୍ୟୋତି ରଞ୍ଜନ ମହାରଣା ଏଥିରେ ସହଯୋଗ କରିଥିଲେ। ନନ୍ଦକିଶୋର ମହାରଣା, ପ୍ରମୋଦ କୁମାର ସାହୁ ଓ ଗିରିଶ କୁମାର ମହାରଣା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୨୫୦ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକଙ୍କ ଉପସ୍ଥିତିରେ ଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜିତ କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ଶ୍ରେୟା ଅନୁଷ୍ଠାନ ନିର୍ଦ୍ଦେଶିକା ସାଗରିକା ମିଶ୍ର, ଅଧାପକ ଅଜିତ କୁମାର ବେହେରା, ରାଇଜ୍ ଅନୁଷ୍ଠାନର ମନୋରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଲପୁରସ୍ଥିତ ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳେଜା ଛାତ୍ରୀଛାତ୍ରମାନଙ୍କୁ ହସ୍ତଶିଳ୍ପ ସମ୍ପର୍କରେ ସଚେତନ କରିଥିଲେ। ଗଁଦିଆ ବ୍ଲକ କରମୁଳସ୍ଥିତ ଗୋବର୍ଦ୍ଧନପୁର ଗ୍ରାମର ଆଦିବାସୀ ଅଳଙ୍କାର କାରିଗର ଓ କାଶିପୁରରୁ ବାଉଁଶ କାରିଗରମାନେ ହସ୍ତଶିଳ୍ପ ପ୍ରଦର୍ଶନ କରିଥିଲେ।





ହସ୍ତଶିଳ୍ପ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ବଇଣ୍ଡା ଫାଣ୍ଡି ପୋଲିସ ସୋମବାର ବଇଣ୍ଡା ଅଞ୍ଚଳରେ ଚଢ଼ାଉ କରି ଶଙ୍କର ଦେହୁରୀଙ୍କ ଦୋକାନରୁ ୭ ଲିଟର ଚୋରା ପାଉଚ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଶଙ୍କର ତାଙ୍କ ଦୋକାନରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ବଇଣ୍ଡା ଫାଣ୍ଡିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତି ରଞ୍ଜନ ନାୟକ ଚଢ଼ାଉ କରି ଶଙ୍କରଙ୍କୁ ଗିରଫ କରିଥିଲେ। ଏ ନେଇ ନମ୍ବର ୩୬୬/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଅଢ଼େଇ ଘଣ୍ଟା ରାସ୍ତା ଜାମ, ଅଟକିଲା ଆମ୍ବୁଲାନ୍ସ

ଅନୁଗୋଳ,୨୯।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଁଅରପାଳ ଥାନା ମହୀଧରପୁର ଫାଣ୍ଡି ଅଞ୍ଚଳରେ ବୁଧବାର କାର୍ତ୍ତିକେଶର ଭସାଣି ବେଳେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ବଁଅରପାଳ ପୋଲିସ ଠିକ୍‌ଭାବେ ପରିଚାଳନା କରି ନ ପାରିବାରୁ ଅନୁଗୋଳରୁ ଆଠଗଡ ଓ ଆଠଗଡରୁ ଅନୁଗୋଳକୁ ଗାଡି ଚଳାଚଳ ଅଢ଼େଇ ଘଣ୍ଟା ଧରି ଠପ୍ ହୋଇଯାଇଥିବା ଦେଖାଯାଇଥିଲା। ଏପରି କି ରୋଗୀଙ୍କୁ ନେଇ ଯାଉଥିବା ଏକାଧିକ ଆମ୍ବୁଲାନ୍ସକୁ ଅଟକି ରହିବାକୁ ପଡ଼ିଥିଲା। ହୃଦ୍‌ରୋଗରେ ଶିକାର ହୋଇଥିବା କୁମୁରିସିଂହାର ବିଜୁଳି ଦେହୁରୀ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରୁ ଅଧଘଣ୍ଟା ଧରି ଆମ୍ବୁଲାନ୍ସ ଫସି ରହିଥିଲା। ସେହିଭଳି ୧୦ରୁ ୧୨ଟି ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଏ ନେଇ ବଁଅରପାଳ ଥାନା ଅଧିକାରୀ ନିରୁପମା ଜେନା କହିଛନ୍ତି, ଭିଡ଼ ଯୋଗୁ ରୋଗୀ ନ ଥିବା ଆମ୍ବୁଲାନ୍ସ ଅଟକି ରହିଥିବା କର୍ମଚାରୀମାନେ ତାଙ୍କୁ ଅବଗତ କରିଥିଲେ।

# ୧୭ ଅଭିଯୋଗର ଫଇସଲା

ଅନୁଗୋଳ, ୨୯।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୩୭ ଅଭିଯୋଗରୁ ୩୪ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୩୭ ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ସେହିପରି ରେଡକ୍ରସ୍ ପାଣ୍ଠିରୁ ୩ଜଣଙ୍କୁ ୧୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ରାସ୍ତା ଅବରୋଧ ହେଲେ ତୁରନ୍ତ ପଦକ୍ଷେପ ନିଅ


ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ,୨୯।୧୧ (ଅମିତ କୁମାର ସାମଲ)

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଞ୍ଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ ସଡ଼କ ସୁରକ୍ଷା ଉପରେ ଆଲୋଚନାରେ ଅଂଶଗ୍ରହଣ କରି ଜନ ଜୀବନ ସୁରକ୍ଷା ନିମନ୍ତେ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ଯୋଗୁ ରାସ୍ତା ଅବରୋଧ ହେଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମସ୍ତ ଭାରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ବାବଦରେ ସମସ୍ତ ଖର୍ଚ୍ଚ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରଦାନ କରିବେ। ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା ଏବଂ ମଦ ଦୋକାନଗୁଡ଼ିକରେ ଅବୈଧ ବିକ୍ରି ରୋକିବାକୁ ମିଳିତ ଭାବେ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟଗୁଡ଼ିକରେ ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲି., ନାଲ୍‌କୋ, ମହାନଦୀ କୋଇଲା ଖଣି ନିଜ ନିଜ ଅଞ୍ଚଳର ଥାନା ଗୁଡ଼ିକରେ ଆମ୍ବୁଲାନ୍ସ ମହଜୁଦ ରଖିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ, ସଡ଼କ ସୁରକ୍ଷା କମିଟି ସଦସ୍ୟ ସଂଗ୍ରାମ ରଞ୍ଜନ ଦାସ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଗଗନ ପରିଜା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

# ଧାନମଣ୍ଡି ଖୋଲିବାକୁ କୃଷକ ମୋର୍ଚ୍ଚାର ଦାବି

ଆଠମଲ୍ଲିକ,୨୯।୧୧(ଉଦୀପ୍ତ ପୁରୋହିତ)

ଭାରତୀୟ କୃଷକ ମୋର୍ଚ୍ଚା ପକ୍ଷରୁ ଚାଷୀମାନଙ୍କ ସମସ୍ୟାକୁ ନେଇ ୫ ଦଫା ସମ୍ବଳିତ ଦାବିପତ୍ର ବୁଧବାର ରାଜ୍ୟପାଳଙ୍କ ଉଦେଶ୍ୟରେ ଆଠମଲ୍ଲିକ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ମଣ୍ଡିର ଅଭାବ ଅସୁବିଧା ଉପରେ ଉପଜିଲାପାଳଙ୍କ ସହିତ ମତ ବିନିମୟ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଅତିଶୀଘ୍ର ଧାନମଣ୍ଡି ଖୋଲିବା, ବର୍ଷ ତମାମ ଧାନମଣ୍ଡି ଖୋଲା ରହିବା, କଟନୀ ଛଟଣୀ ବନ୍ଦ କରିବା, ମଣ୍ଡିରେ ମିଲରଙ୍କ ପ୍ରଭାବ ବନ୍ଦ କରିବା, ଧାନ କିଣା କାରବାରରେ ଟୋକନ ବ୍ୟବସ୍ଥା ଉଚ୍ଛେଦ କରିବା, ଶୀତଳ ଭଣ୍ଡାର ନିର୍ମାଣ କରିବା ଆଦି ଦାବି ରହିଛି। କୃଷକ ମୋର୍ଚ୍ଚା ସମ୍ପାଦକ ସାହୁଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ରାଜ୍ୟ ଭାଜପା କାର୍ଯ୍ୟକାରୀ ସଦସ୍ୟା ପଙ୍କଜିନୀ ପଣ୍ଡା, ନଗର ଉପସଭାପତି ସୁଶାନ୍ତ ପ୍ରଧାନ, ସଭ୍ୟ ପିନା ପାଣିଗ୍ରାହୀ, ବିଜୟ ପଟ୍ଟନାୟକ, ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଟରଙ୍ଗା, ଟୁସରରେ ଆମ ବ୍ୟାଙ୍କ ଉଦ୍‌ଘାଟିତ



କଟରଙ୍ଗା ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟନ ଅବସରରେ ଅତିଥିମାନେ। ଟୁସର୍ ପଞ୍ଚାୟତ ପରିସରରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୨୯।୧୧(ପରିକ୍ଷିତ ସାହୁ)/ ମାଧପୁର (ମନୋଜ ପ୍ରଧାନ)

କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାର ସିଧା ପ୍ରସାରଣ ଅଞ୍ଚଳବାସୀ ଦେଖୁଥିବାବେଳେ ଏଥିରେ ସ୍ଥାନୀୟ ସରପଞ୍ଚ ମୋହିନୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। କିଭଳି ଲୋକେ ବ୍ୟାଙ୍କ ସେବା ସହଜରେ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା କ୍ଷେତବ୍ୟାଙ୍କ ପରିଚାଳକ ସତ୍ୟପ୍ରକାଶ ସାହୁ, ମଣ୍ଟୁ କିଶୋର ସାହୁ, ପ୍ରଶ୍ନ ସାହୁ, ରବୀନ୍ଦ୍ର ସାହୁ, ବିଶେଶ୍ୱର ପ୍ରଧାନ, ଡିଲେଶ୍ୱର ପ୍ରଧାନ, ସୁବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ଟୁସର୍ ପଞ୍ଚାୟତ ପରିସରରେ ଆମ ବ୍ୟାଙ୍କ ଯୋଜନା ମାଧ୍ୟମରେ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ବିଡିଓ ସୌଭାଗ୍ୟ ବେହେରା, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ସରପଞ୍ଚ ଅଶୋକ ପ୍ରଧାନ ପ୍ରମୁଖଙ୍କ ସହ ବହୁ ମହିଳାପୁରୁଷଙ୍କ ଉପସ୍ଥିତ ଥିଲେ। ଆମ ବ୍ୟାଙ୍କ ସେବା ପରିଚାଳିକା ପ୍ରତିମା ସା, ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ବିଜୟ ଦାସ, ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ମୃତ୍ୟୁଞ୍ଜୟ ଡାଙ୍ଗ, ବୌଦ୍ଧର ସିଏସ୍‌ସି ଡିଏମ୍ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ ରୋକା ନ ଗଲେ ଆନ୍ଦୋଳନ

ତାଳଚେର,୨୯।୧୧ (ମନୋଜ ନନ୍ଦ)

ତାଳଚେର ବ୍ଲକରେ ହାତୀ ଉପଦ୍ରବ ବ୍ୟାପକ ହେଲାଣି। ସନ୍ଥପଡା ପଞ୍ଚାୟତ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟତଃ ୫୦ ରୁ ୬୦ ହାତୀ ଦୀର୍ଘଦିନ ହେବ ସନ୍ଥପଡା, ଝଡ଼ିଆମ୍ବା, ଦାଶନାଳୀ, ଟୋଲୋକଲୁହୁଣ୍ଡି ଆଦି ଗ୍ରାମରେ ଫସଲ ନଷ୍ଟ କରୁଛନ୍ତି। ହାତୀ ଡରରେ ଗ୍ରାମବାସୀ ସନ୍ଧ୍ୟା ହେଲେ ଘରୁ ବାହାରକୁ ବାହାରିପାରୁ ନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରପଞ୍ଚ ସହଦେବ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ତାଳଚେର ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି।

# ଶିବିରରେ ୪୬୯ ଭିନ୍ନକ୍ଷମଙ୍କ ଆବେଦନ



ଛେଣ୍ଡିପଦା,୨୯।୧୧(ଅଜିତ ଧଳ)

ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏହି ଶିବିରର ଆୟୋଜିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ୍ ୪୬୯ ଭିନ୍ନକ୍ଷମ ଆବେଦନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଜ୍ଞାନ ରଞ୍ଜନ ବିଶ୍ୱାଳ, ଗଳା, କର୍ଣ୍ଣ ଓ ନାସା ବିଭାଗର ଡାକ୍ତର ପ୍ରଶାନ୍ତ କୁମାର ମହାନ୍ତି, ଶିଶୁ ବିଭାଗ ଡାକ୍ତର କଳ୍ପନା ଜେନା, ଭେଷଜ ଓ ମାନସିକ ଅନଗ୍ରସର ବିଭାଗ ଡାକ୍ତର ଶୋଭନ କୁମାର, ଚକ୍ଷୁ ବିଭାଗ ଡାକ୍ତର ନୀଳମାଧବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚିରୋଲିମା ପ୍ରିୟଦର୍ଶିନୀ, ପୋଗ୍ରାମ ଆସିଷ୍ଟାଣ୍ଟ ଶାନ୍ତନୁ କୁମାର ପ୍ରଧାନ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ସହଯୋଗ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ,ସ୍କାଉଟ୍ସ ଓ ରେଡକ୍ରସର ଛାତ୍ରୀଛାତ୍ର, ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ସହଯୋଗ କରିଥିଲେ।

# ୧୧ କୋଟିରେ ନିର୍ମାଣ ହେବ ରାସ୍ତା

## ୯ ମାସରେ ଶେଷହେବ କାର୍ଯ୍ୟ

ଭୁବନ,୨୯।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି କାଳୀ ବଜାରଠାରୁ ବ୍ଲକର ମହୁଲପାଳ ପଞ୍ଚାୟତ ନୀଳକଣ୍ଠପୁର ଓ ବାରିଜଙ୍ଗଠାରୁ ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସକାଶେ ରବିବାର ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ୬ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟରେ କାଳୀବଜାରଠାରୁ ନୀଳକଣ୍ଠପୁର ଏବଂ ୫ କୋଟି ୨୪ ଲକ୍ଷ ବ୍ୟୟରେ ବାରିଜଙ୍ଗଠାରୁ ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ପକ୍ଷରୁ ଆସନ୍ତା ୯ ମାସ ମଧ୍ୟରେ ଏହି ରାସ୍ତା ନିର୍ମାଣ ସରିବ ବୋଲି ମନ୍ତ୍ରୀ କହିଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ସେଠୀ, ସହକାରୀ ଯନ୍ତ୍ରୀ ବିଜୟ ସାହୁଙ୍କ ସମେତ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ନଗରପାଳିକା କବିତା ବାରିକ, କାଉନସିଲର ଗିରିଧାରୀ ସାହୁ, ପପୁ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩ୟ ସନ୍ଧ୍ୟାରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା



ଭୁବନ,୨୯।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ସିରିଅଲ ଶୁଭ୍ର ପଟେଲ, ବିଡିଓ କଲ୍ୟାଣ ସୌରଭ ଦାସ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ ଯୋଗ ଦେଇଥିଲେ। ଢେଙ୍କାନାଳ ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭୁବନର ବିଭିନ୍ନ ପ୍ରତିଭା ସମ୍ପନ୍ନ କଳାକାର ଓ ସୁରକ୍ଷାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ଜଣ ଯବାନ ଭୁବନର ଅରବିନ୍ଦ ସାହୁ, ଭୂଷଳର ମାନସ କୁମାର ବାରିକଙ୍କ ସହିତ ଓଡ଼ିଶା କ୍ରିକେଟ୍ ଦଳର ଖେଳାଳି ଭାବେ ଚୟନ ହୋଇଥିବା ବାଲିବୋ ଗ୍ରାମର ଦୀପକ ରଞ୍ଜନ ବେହେରା, ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର, ଇଞ୍ଜିନିୟର ଶକ୍ତିପ୍ରସାଦ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ଅଭିନେତା ସବ୍ୟସାଚୀ, ଅର୍ଚ୍ଚିତା, ହାସ୍ୟ ଅଭିନେତା ପ୍ରଜ୍ଞା, ଶଙ୍କର ଯୋଗ ଦେଇଥିଲେ। ଭୁବନେଶ୍ୱରର ସିଜିଲର୍ସର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# କାର୍ତ୍ତିକେଶ୍ୱରଙ୍କ ମେଳଣ ଉତ୍ସବ

ବଁଅରପାଳ,୨୯।୧୧ (ଉପେନ୍ଦ୍ର ରାଉତ)

ବଁଅରପାଳ ବ୍ଲକ ତୁରଙ୍ଗ ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ମେଳଣ ଉତ୍ସବ ପାଳିତ ହୋଇଛି। ୧୫ ମେଢ଼ରୁ ୧୨ଟି ମେଢ ଏଥିରେ ସାମିଲ ହୋଇଥିଲେ। ସଂଗ୍ରାମ କ୍ଲବ, ନିଉ ଲଗଂନ କ୍ଲବ, ତ୍ରିଡେଭ କ୍ଲବ, ରାଜଧାନୀ କ୍ଲବ, ଜଗନ୍ନାଥ କ୍ଲବ, ମହେଶ୍ୱରୀ କ୍ଲବ, ମା' ହିଙ୍ଗୁଳା ପୂଜା କମିଟି ଆଦି ପୂଜା ମଣ୍ଡପ ମେଳଣରେ ଯୋଗ ଦେଇଥିବା ଜଣାପଡ଼ିଛି। ମେଢଗୁଡିକ ମଣ୍ଡପରୁ ବାହାରି ବିରାଟ ଶୋଭାଯାତ୍ରାରେ କୁରୁଡୋଲ ହାଇସ୍କୁଲ ମେଳଣ ପଡିଆକୁ ଆସିଥିଲେ। ସେଠାରୁ ଶୋଭାଯାତ୍ରାରେ ଘଣ୍ଟ, ବାଦ୍ୟ, ଲଉଡି ଖେଳ ଆଦି ତାଳେ ତାଳେ କମିଟି କର୍ମକର୍ତ୍ତାମାନେ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ କର୍ମକର୍ତ୍ତାମାନେ ଭସାଣିରେ ଯାଇ ନିକଟସ୍ଥ ଜଳାଶ୍ରୟରେ ମେଢ଼ ବିସର୍ଜନ କରିଥିଲେ।



ପୂଜା କମିଟି କର୍ମକର୍ତ୍ତାମାନେ ଭସାଣି ଉତ୍ସବରେ ସାମିଲ ହୋଇଛନ୍ତି।

# ନଷ୍ଟ କରାଗଲା ଗଞ୍ଜେଇ ଚାଷ, ୨ ଗିରଫ

ଛେଣ୍ଡିପଦା,୨୯।୧୧(ଅଜିତ ଧଳ)

ଛେଣ୍ଡିପଦା ଥାନା ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ଚାଙ୍ଗୁଡ଼ିଆ ପଞ୍ଚାୟତ କଂକୁରପାଳ ଗ୍ରାମ ବଡ଼ଯୋରା ନାଳ ଅବବାହିକାରେ ଚଢାଉ କରାଯାଇ ପ୍ରାୟ ୨୦ ଏକର ସରକାରୀ ଜମିରେ କରାଯାଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହି ଘଟଣାରେ କଂକୁରପାଳ ଗ୍ରାମର ଅରୁଣ ମାଝି ଓ ପପୁନ ବେହେରାଙ୍କୁ ଗିରଫ କରାଯାଇଛି। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଓ ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କ ନେତୃତ୍ୱରେ ଥାନା ଏସ୍‌ଆଇ ରାଜେଶ ଶତପଥୀ, ଏଏସ୍‌ଆଇ ଅରୁଣ ବେହେରା, ଶେଷଦେବ ସାମଲ, ବ୍ରାହ୍ମଣବିଲ ରାଜସ୍ୱ ନିରୀକ୍ଷକ ଦୋଳମଣି ଭୋଇ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# କୋଇଲା ଜବତ, ଜଣେ ଗିରଫ

କଣିହାଁ,୨୯।୧୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ ବୁଧବାର ଏକ ବେଆଇନ କୋଇଲା ଡିପୋରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ଏଥିସହ ୩ଟି ନମ୍ବର ବିହୀନ ବାଇକ ଓ ୮୦ଟନ କୋଇଲା ଜବତ କରିଛି। ଥାନା ସୂଚନାରୁ ଜଣାଯାଏ, ବଡତ୍ରିବିଡା ପଞ୍ଚାୟତ ଛେଳିଆ ଗ୍ରାମର ଏକ ନିଛାଟିଆ ସ୍ଥାନରେ ବେଆଇନ ଚୋରା କୋଇଲା ଚାଲାଣ ଡିପୋ ହୋଇଥିଲା। ଖବରପାଇ ପୋଲିସ ଚଢାଉ କରି ବାଇକ୍ ସମେତ ଗଚ୍ଛିତ କୋଇଲା ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଛେଳିଆ ଗ୍ରାମର ଯୁବକ ଅନିଲ ସେଠୀଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୨୮୧/୨୩ ମାମଲା ରୁଜୁ ହୋଇଛି।

# ସଚେତନତା ରଥର ଶୁଭାରମ୍ଭ

ଅନୁଗୋଳ,୨୯।୧୧(ଅମିତ ସାମଲ)

ପ୍ରବାସୀ ଶ୍ରମିକଙ୍କ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ସମସ୍ତ ଅଞ୍ଚଳ ବୁଲି ଅନ୍ୟ ରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସମସ୍ତ ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ସଚେତନତା କରିବ। ପ୍ରତି ଶ୍ରମିକଙ୍କୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ, ଶ୍ରମିକଙ୍କୁ ଓଡ଼ିଶା ବାହାରକୁ ନେବା ପୂର୍ବରୁ ଠିକାଦାରଙ୍କ ଲାଇସେନ୍ସ ଥିବା ଆବଶ୍ୟକ, ପ୍ରବାସୀ ଶ୍ରମିକ ନିଜର ନାମ, କେଉଁଠିକି ଓ କେତେଦିନ ପାଇଁ ଯିବେ ଠିକାଦାରଙ୍କ ସହିତ କିମ୍ବା ସ୍ୱ-ଇଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧରେ ସୂଚନା ପଞ୍ଚାୟତରେ ଜଣାଇବାକୁ ପଡ଼ିବ। ଠିକାଦାରଙ୍କ ସହିତ ବାହାରକୁ କାମ କରିବାକୁ ଗଲେ ଠିକାଦାର ଶ୍ରମିକଙ୍କ ଯାତାୟାତ ଭଡାବହନ କରିବେ ଓ ତାହା ମଜୁରିରୁ କଟାଯାଇ ପାରିବ ନାହିଁ। ଏହାସହ ଠିକାଦାର ସ୍ଥାନାନ୍ତର ଭତ୍ତା ପ୍ରଦାନ କରିବା ଆଇନରେ ଅଛି। ମଜୁରି ଚୁକ୍ତି ଅନୁସାରେ ଦୈନିକ, ସାପ୍ତାହିକ, ମାସିକ ଭିତ୍ତିରେ ଦିଆଯିବା ଉଚିତ୍। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନୁଗୋଳ ଏପିଡି ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ବିଡିଓ ଅରବିନ୍ଦ ସାହୁ, ଅନୁଗୋଳ ଜଏଣ୍ଟ ଲେବର କମିଶନର ମହେଶ୍ୱର ନାୟକ, ଅନୁଗୋଳ ଡିଭିଜିନାଲ ଲେବର କମିଶନର ଇତିଶ୍ରୀ ଗାର୍ଗି, ଅନୁଗୋଳ ଡିଆଇପିଆରଓ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

# କ୍ଷତିଗ୍ରସ୍ତଙ୍କ ସତ୍ୟାଗ୍ରହକୁ ଭାଜପାର ସମର୍ଥନ

ପାଲଲହଡ଼ା, ୨୯।୧୧ (ଦିବ୍ୟଜ୍ୟୋତି ଦାଶ)

ରେଙ୍ଗାଳି ଜଳଭଣ୍ଡାର ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାର ନିର୍ଦ୍ଧାରିତ କ୍ଷତିପୂରଣ ଦାବିରେ ଆସନ୍ତା ୧ ତାରିଖରେ ଜଳ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ପାଲଲହଡ଼ା ଭାଜପା ପକ୍ଷରୁ ସମର୍ଥନ କରାଯାଇଛି। ବୁଡ଼ି କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ରାଜ୍ୟ ସରକାର ଅବହେଳା କରିଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି। ଡିମିରିଆଠାରେ ବିଧାନସଭା ପ୍ରଭାରୀ ବିଜୟ ମାଝିଙ୍କ ସଭାପତିତ୍ୱରେ ବିଧାନସଭା ସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଲୋକ ସଭା ପ୍ରଭାରୀ ଅମୃତ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବରିଷ୍ଠ ନେତା ଉପସଭାପତି ଲିଙ୍ଗରାଜ ଦାସ, ସଂଯୋଜକ ଚନ୍ଦନ ସ୍ୱରାଜ, ବରିଷ୍ଠ ନେତା ତନ୍ମୟ ସାହୁ, ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ସାହୁ, ଜିଲା ଉପସଭାପତି ନୃସିଂହ ବରାଳ, ବିସ୍ତାରକ ଧ୍ରୁବ ଚରଣ ସାଇଁ, ପ୍ରହଲାଦ ସାମଲ ତ୍ରିପୁରାରି ପ୍ରଧାନ, ଜିଲା ସମ୍ପାଦକ ଶୋଭାଗିନୀ, ପ୍ରଧାନ ସୁମନ୍ତ ପ୍ରଧାନ, ଧ୍ରୁବଚରଣ ଧୀର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.13507/Estt. Date:12.10.2023

**ADVERTISEMENT**

No.CAD-3053:Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.15328/Estt. Date:23.11.23

**OFFICE ORDER**

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324

No.CAD-3050
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023
Bid Identification No.:P&C/EST/E-150/2023-24

NOTICE INVITING TENDER THROUGH e-Procurement

**Name of the Work:** Repairing and Replacement of Switchgears of ASLS and APFC Panel at IDCO, Fortune Tower, Bhubaneswar
**Tender Value:** Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/EST/E-150/2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0291/2324

# କ୍ରସ୍‌ବୋ ଶୁଟିଂରେ ବିଶ୍ୱ ବିଜେତା ଭାଇଭଉଣୀ

ବିଶ୍ୱ କ୍ରସ୍‌ବୋ ଶୁଟିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ରାୟଗଡ଼ାର ଭାଇଭଉଣୀ। ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି ଭଉଣୀ ଏ.ନେହା ପଟ୍ଟନାୟକ ଓ ଭାଇ ଏ. ଲୋହିତ ପଟ୍ଟନାୟକ। ନେହା ଓମେନ୍ସ ଓପନ୍ ଫ୍ରିଷ୍ଟାଇଲ କ୍ୟାଟେଗୋରିରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ତାଙ୍କ ଭାଇ ଏ. ଲୋହିତ ମେନ୍ସ ଓପନ୍ ଷ୍ଟାଣ୍ଡାର୍ଡ କ୍ୟାଟେଗୋରିରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତ ଅକ୍ଟୋବରରେ ଉତ୍ତରପ୍ରଦେଶର ଆଗ୍ରାରେ ଅନୁଷ୍ଠିତ ବିଶ୍ୱ କସ୍‌ବୋ ଚାମ୍ପିୟନଶିପରେ ଭାରତୀୟ ଟିମ୍‌ରେ ଏହି ଭାଇଭଉଣୀ ଅଂଶ ଗ୍ରହଣକରି ଦେଶ ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ରାୟଗଡ଼ା ସହର ହାଉସିଂ ବୋର୍ଡ କଲୋନି ବାସିନ୍ଦା ଆନନ୍ଦ ପଟ୍ଟନାୟକଙ୍କ ସନ୍ତାନ ଏ.ନେହା ଓ ଏ.ଲୋହିତ । ବଡ଼ ଭଉଣୀଙ୍କ ରାଇଫଲ ଓ କ୍ରସ୍‌ବୋ ଶୁଟିଂ ଅଭ୍ୟାସ ଓ କୃତିତ୍ୱ ଦେଖି ସାନଭାଇ ଲୋହିତ ଏଥିପ୍ରତି ଆକର୍ଷିତ ହୋଇଥିଲେ । ଏବେ ଉଭୟ ଭାଇଭଉଣୀ କ୍ରସ୍‌ବୋ ଶୁଟିଂକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ଭାବେ ଧରିନେଇଛନ୍ତି।

ନେହା ବିଶାଖାପାଟଣାରେ ଯୁକ୍ତ୨ ପଢ଼ିବା ସମୟରେ କ୍ରୀଡ଼ା ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ଏଥିରେ ସେ ରାଇଫଲ ଶୁଟିଂ ପ୍ରତି ଆକର୍ଷିତ ହୋଇ ଏହାକୁ ନିଜର ସବୁଠାରୁ ପ୍ରିୟ ଖେଳ ଭାବେ ଚୟନକରି ଆଗକୁ ବଢ଼ି ଚାଲିଥିଲେ। ରାଇଫଲ ଶୁଟିଂରେ ଭାଗନେଇ ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକର ଅଧିକାରୀ ହୋଇଛନ୍ତି ।

ଏହାପରେ ସେ ଆଉ ଟିକେ ଆଗକୁ ବଢ଼ି କ୍ରସ୍‌ବୋ ଶୁଟିଂ ଆଡ଼କୁ ମନ ବଳାଇଥିଲେ। ୨୦୨୨ ଜୁଲାଇରେ ଆଗ୍ରାଠାରେ ଆୟୋଜିତ ତୃତୀୟ ଜାତୀୟ କ୍ରସ୍‌ବୋ ଶୁଟିଂରେ ଅଂଶଗ୍ରହଣକରି ନେହା ପ୍ରଥମ ସ୍ଥାନ ଅଧିକାରକରି ସ୍ୱର୍ଣ୍ଣପଦକ ବିଜେତା ହୋଇଥିଲେ । ସେହିପରି ଚଳିତ ବର୍ଷ ଜି-୨୦ ଅନ୍ତର୍ଗତ ଦ୍ୱିତୀୟ ସଂସଦ ଖେଳ ସ୍ପର୍ଦ୍ଧାରେ ଅଂଶଗ୍ରହଣକରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜୁଲାଇରେ ଚତୁର୍ଥ ଜାତୀୟ କ୍ରସ୍‌ବୋ ଶୁଟିଂରେ ପ୍ରଥମ ସ୍ଥାନ ଅଧିକାରକରି ନେହା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭଉଣୀ ନେହାଙ୍କ ରାଇଫଲ ଓ କ୍ରସ୍‌ବୋ ଶୁଟିଂର କୃତିତ୍ୱକୁ ଦେଖି ତାଙ୍କ ସାନଭାଇ ଲୋହିତ ବିଶାଖାପାଟଣାସ୍ଥିତ ୨୦୨୨ ଜୁଲାଇରୁ ଭାରତ ଶୁଟିଂ ଏକାଡେମୀରେ କ୍ରସ୍‌ବୋ ଶୁଟିଂ ପ୍ରଶିକ୍ଷଣ ଆରମ୍ଭ କରିଥିଲେ । ଏହି ସମୟରେ ସେ ନେହାଙ୍କ ସହ ୨ୟ ସଂସଦ ଖେଳ ସ୍ପର୍ଦ୍ଧାରେ ଭାଗନେଇ ମେନ୍ସ କ୍ୟାଟେଗୋରିରେ ରୌପ୍ୟ ପଦକ ପାଇଥିଲେ ।

ରିପୋର୍ଟ-ଆଶିଷ ରଞ୍ଜନ ପଣ୍ଡା, ରାୟଗଡ଼ା


ଏ.ନେହା ପଟ୍ଟନାୟକ ଓ ଏ. ଲୋହିତ ପଟ୍ଟନାୟକ।


With Best Compliments From:
SHIVAAY MOTORS
AUTHORISED OF
SWARAJ TRACTOR
ROTAVATOR, THRESHER & SPARE PARTS
RADHAPATIPUR, ATHGARH
Mob- 8249600067, Office- 9861077120

ଅଭିନନ୍ଦନ
ସମ୍ପାଦକୀୟ, ଗାଁ କଥା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ମନୋରଞ୍ଜନ, ପିଲାଙ୍କ ଧରିତ୍ରୀ, ଘଟଣା, ଦୁର୍ଘଟଣା ଆଦି କ୍ଷେତ୍ରରେ ଧରିତ୍ରୀ ଆଗୁଆ ଭୂମିକା ନେଇଛି, ୫୦ ବର୍ଷ ପୂରଣ ଅବସରରେ ଶୁଭେଚ୍ଛା ।
ସୁଦର୍ଶନ ଅଡ଼ଙ୍ଗିକା
ପ୍ରଧାନ ଶିକ୍ଷକ, ବୁଡିବାଲି ଆଶ୍ରମ ବିଦ୍ୟାଳୟ, ଚନ୍ଦ୍ରପୁର, ରାୟଗଡ଼ା

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଅଗଣିତ ପାଠକ, ପାଠିକାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଅନୁରାଧା ଲିଂଗାମ
ପ୍ରଧାନ ଶିକ୍ଷୟିତ୍ରୀ, ରାଇବିଜି, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଚନ୍ଦ୍ରପୁର ବ୍ଲକ, ରାୟଗଡ଼ା

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ସହକର୍ମୀ, ଛାତ୍ର/ଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ସୁଖ ଓ ସୁସ୍ଥରେ ରଖନ୍ତୁ ଏତିକି କାମନା ।
ଶ୍ରୀ କାଶୀନାଥ ମହାରଣା, ପ୍ରଧାନ ଶିକ୍ଷକ
ଶ୍ରୀ ପ୍ରଦୀପ କୁମାର କର, ସଭାପତି
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନୀଳମାଧବ ବିହାର, କଣ୍ଟିଲୋ, ଖଣ୍ଡପଡ଼ା

'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଅବସରରେ ଆପଣମାନଙ୍କ ସୁଖ, ସମୃଦ୍ଧି, ଶକ୍ତି ଓ ମୈତ୍ରୀ ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରୀମତୀ ସଙ୍ଗୀତା ବେହେରା
ବାରମାସୀ ଲେନ୍, ନୟାଗଡ଼

'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଅବସରରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କାମନା କରନ୍ତୁ, ଏତିକି କାମନା ।
ଇଂ. ଅର୍ଚ୍ଚନା ଦାଶ, ସଭାନେତ୍ରୀ
ଇଂ. ଶ୍ରୀନିବାସ ଦାଶ, ସଂଗଠକ
ନୟାଗଡ଼ ଜିଲ୍ଲା ମହିଳା ମୋର୍ଚ୍ଚା

'ଧରିତ୍ରୀ' ନିରପେକ୍ଷ ଓ ବିଶ୍ୱସନୀୟତାର ଏକ ଉଜ୍ଜ୍ୱଳ ସ୍ତମ୍ଭ । ଏହାର ୫୦ତମ ସ୍ୱନକ୍ଷତ୍ର ଦିବସରେ ଶୁଭକାମନା ସହ କଣ୍ଟିଲୋ, ବଡ଼ବାଣପୁର, ସିଧାମୂଳା, ବେଣାଗାଡ଼ିଆ ଓ ବୋଦସା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଉଜଳ ମହାରଣା
୬ ନଂ. ଜିଲ୍ଲା ପରିଷଦ ସଭ୍ୟା
କଣ୍ଟିଲୋ

'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଅବସରରେ କଣ୍ଟିଲୋ ପଞ୍ଚାୟତର ସମସ୍ତ ଗୁରୁଜନ ଭାଇ ଭଉଣୀମାନଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା । ଗ୍ରାମ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ । ପ୍ରଭୁ ଶ୍ରୀ ନୀଳମାଧବ ଓ ମା' ନାରାୟଣୀ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି କାମନା ।
ଶ୍ରୀୟା ରାଣୀ ବେହେରା
ସରପଞ୍ଚ
କଣ୍ଟିଲୋ

ଅଭିନନ୍ଦନ
ଦୁର୍ଗମ ଅଞ୍ଚଳର ସମସ୍ୟା, ଚାଷୀଙ୍କ ପାଇଁ ବାର୍ତ୍ତା, କ୍ରୀଡା, ଦେଶ,ବିଦେଶର ଖବର ପ୍ରସାରଣ କ୍ଷେତ୍ରରେ ଧରିତ୍ରୀର ପ୍ରମୁଖ ଭୂମିକା ରହିଛି । ଧରିତ୍ରୀର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା, ପାଠକ ପାଠିକାଙ୍କ ସଂଖ୍ୟା ଅଧିକ ହେଉ ।
ଅଧ୍ୟକ୍ଷ
କଇନ କିନ୍ଧାକା
ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଚନ୍ଦ୍ରପୁର, ରାୟଗଡା ଜିଲ୍ଲା

ଓଡ଼ିଶାର ବହୁଳ ପ୍ରସାରିତ ଖବରକାଗଜ 'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି, ଶାନ୍ତି ଏବଂ ମୈତ୍ରୀ କାମନା କରୁଛି । ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ସମସ୍ତେ ସୁସ୍ଥ ଓ ସୁଖରେ ରୁହନ୍ତୁ ଏତିକି କାମନା ।
ଶ୍ରୀ ମାଧବ ଚନ୍ଦ୍ର ସାହୁ
ନିର୍ଦ୍ଦେଶକ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ,
ସଭାପତି, କଣ୍ଟିଲୋ ସେବା ସମବାୟ ସମିତି

'ଧରିତ୍ରୀ' ନିରପେକ୍ଷ ଓ ବିଶ୍ୱସନୀୟତାର ଏକ ଉଜ୍ଜ୍ୱଳ ସ୍ତମ୍ଭ । ଏହାର ୫୦ତମ ସ୍ୱନକ୍ଷତ୍ର ଦିବସରେ ଶୁଭକାମନା । ପ୍ରଭୁ ଶ୍ରୀଜଗନ୍ନାଥ ଧରିତ୍ରୀ ପରିବାର ସହ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ସର୍ବ ସୁଖରେ ରଖିଥାନ୍ତୁ ଏତିକି କାମନା ।
ଶ୍ରୀମତୀ ପୁଷ୍ପଲତା ପ୍ରଧାନ
ଗୃହିଣୀ, ଗୁଣ୍ଠୁଣି, ଖଣ୍ଡପଡ଼ା

ଧରିତ୍ରୀର ୫୦ତମ ପୂର୍ତ୍ତି ଅବସରରେ - "ବୃକ୍ଷ ଆମର ଜୀବନ, ପରିବେଶ ବଞ୍ଚିଲେ ସଭିଏଁ ବଞ୍ଚିବା । ପରିବେଶ ସୁରକ୍ଷା ସହ ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଉଥିବା ବିଲୁପ୍ତପ୍ରାୟ ବୃକ୍ଷର ସୁରକ୍ଷା ଓ ବିକାଶ ଦିଗରେ ଆମେ ଯତ୍ନବାନ ହେବା ଜରୁରୀ ।"
ଶ୍ରୀ ଅନ୍ତର୍ଯ୍ୟାମୀ ସାହୁ / ଶ୍ରୀମତୀ ଇନ୍ଦୁପ୍ରଭା ସାହୁ
ପରିବେଶବିତ୍, କଣ୍ଟିଲୋ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଏବଂ ଶୁଭକାମନା ।
ରଣଜିତ କୁମାର ତ୍ରିପାଠୀ
ଅଧ୍ୟକ୍ଷ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ, ନୟାଗଡ଼

ଅଭିନନ୍ଦନ
ଦୀର୍ଘ ଦିନ ଧରି ରାୟଗଡାରୁ ପ୍ରକାଶ ପାଉଥିବା ଧରିତ୍ରୀ ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥିବାରୁ ୫୦ ବର୍ଷ ପୂର୍ତ୍ତି ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ରାମଚନ୍ଦ୍ର ପାଢ଼ୀ
ସହକାରୀ ଶିକ୍ଷକ, ବୁଡିବାଲି ଆଶ୍ରମ ବିଦ୍ୟାଳୟ, ଚନ୍ଦ୍ରପୁର ବ୍ଲକ, ରାୟଗଡ଼ା

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ପଥରଚକଡ଼ା ପଞ୍ଚାୟତର ସମସ୍ତ ଗୁରୁଜନ ଭାଇ ଭଉଣୀମାନଙ୍କୁ ଆମର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା । ଗ୍ରାମ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ। ଜଗତର ନାଥ ଶ୍ରୀଜଗନ୍ନାଥ ଓ ମା' ନାରାୟଣୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏତିକି କାମନା ।
ଶ୍ରୀମତୀ ଶିବାନୀ ଦାଶ, ସରପଞ୍ଚ, ପଥରଚକଡ଼ା
ଦେବୀ ପ୍ରସାଦ ଦାଶ, ସାମାଜିକ କର୍ମୀ, ମାଧପୁର, ଭାପୁର ବ୍ଲକ

With Best Compliments From:
MTM
OM MAA TARINI MACHINERY
Shop No. 3, Municipality Market, Near New Bus Stand
Khordha, Ph. (06755) 223114, 326088 (S)
221267 (R), 9437185382, 9861385394 (M)
Deals in:
Stone Crusher, Rice Mill (Holler) Spares, Hardware & Lubricants
All types Crane, Roller, Alex Machine Pilling & Pole Mixture.

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ଆମ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଉଛି ।
DR. RAMARANJAN PATNAYAK
Principal
Semiliguda College

With Best Compliments From:
ACHIEVE YOUR MISSION WITH
NAIDU HIGHER SECONDARY SCHOOL
NHSS FORUM FOR IIT-JEE
NAIDU
HIGHER SECONDARY SCHOOL
(Explore an IITian within you)
Brahmapura, Near Khordha, S.P. Office, Khordha
www.sciencecollege.com | Mob : 8249139091

